SYLLABUS

# ଓଡ଼ିଆ (OPM)

## ନବମ ଶ୍ରେଣୀ ପାଠ୍ୟକ୍ରମ

(କ) ପଠନବୋଧ :— ଅପଠିତ ଅନୁଚ୍ଛେଦ (ଗଦ୍ୟ/ପଦ୍ୟ) (୨୦)

(ଖ) ଲିଖନ :- ସଂକ୍ଷିପ୍ତ ଅନୁଚ୍ଛେଦ, ବର୍ଣ୍ଣନାତ୍ମକ ରଚନା,
ସଂଳାପ ମୂଳକ ରଚନା, ଆଲୋଚନାତ୍ମକ ରଚନା
— ଦୀର୍ଘ ଅନୁଚ୍ଛେଦ, ପତ୍ରଲିଖନ, ଡାଏରୀ ପ୍ରଭୃତି
ବକ୍ତୃତା ପ୍ରଭୃତି, ଗଳ୍ପରଚନା
— ରଚନା ଓ ପତ୍ରଲିଖନ (୨୦)

(ଗ) ବ୍ୟାକରଣ :- ସନ୍ଧି (ସ୍ୱର, ବିସର୍ଗ)
— ସମାସ (ତତ୍ପୁରୁଷ, ଦ୍ୱନ୍ଦ୍ୱ, ଦ୍ୱିଗୁ, ବହୁବ୍ରୀହି)
— ସମୋଚ୍ଚାରିତ ଶବ୍ଦ, ବିପରୀତାର୍ଥବୋଧକ ଶବ୍ଦ
— କୃଦନ୍ତ, ତଦ୍ଧିତ
— ବାକ୍ୟ ରୂପାନ୍ତର (୨୦)

(ଘ) ସାହିତ୍ୟ (ପାଠ୍ୟ ପୁସ୍ତକ) (୨୦)
ଜ୍ଞାନ ସାହିତ୍ୟ
ମାଧ୍ୟମିକ ଶିକ୍ଷା ପରିଷଦ ପ୍ରକାଶିତ, ପ୍ରଥମ ସଂସ୍କରଣ ୨୦୦5

ବିଷୟ —
(ଗଦ୍ୟ) - ଶିକ୍ଷା
ବିଶ୍ୱ ଭ୍ରାତୃତ୍ୱ
ଯୋଗ
ଦରବଦର
ପୃଥିବୀକୁ ଡର ଆସୁଛି
ଓଡ଼ିଆ ସାହିତ୍ୟ କଥା (ଆଦ୍ୟ ଭାଗ)
(ପଦ୍ୟ) — ରାମ ରାଜ୍ୟରେ ବିଦୁର
ଏଣୁ ଜନପାତ କୁରୁ ମୋର
କାହାକୁ କହିବି
ସନ୍ଥଙ୍କର ଭକ୍ତି
ପ୍ରଭାତ



DEC-12-2009 03:31 From: To:05322408977 P.1/4

ସବୁଥିରୁ ବଞ୍ଚିତ କରି

କିସା ଗୌତମୀ

ଶ୍ରମିକର ଭଗବାନ

ଅତିରିକ୍ତ ପାଠ୍ୟ –

ଧାମ ଗଳ୍ପ ଓ ଏକାଙ୍କିକା, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପ୍ରକାଶିତ
ଦ୍ୱିତୀୟ ସଂସ୍କରଣ - ୨୦୦୩ ।

ଉପାଦ୍ୟ (ଗଳ୍ପ) ଡାକମୁନିସ

ମାଂସର ଜଳାପ

ଏ'ଟୋପା ଲୁହ

ନୀଳାଶାନ୍ତୀ

ହୋଲି

ଜୁଡ଼ୀ

(ଏକାଙ୍କିକା)

ସୁନାଜୋତ୍ର

ପାଖିଆଟି

— o —

# ଓଡ଼ିଆ (୦୩)

## ନବମ ଶ୍ରେଣୀ

ବୋଧ ଓ ପଠନ ।
ଲିଖନ ।
ବ୍ୟାକରଣ ।
ସାହିତ୍ୟ (ପାଠ୍ୟ ପୁସ୍ତକ) ।

| କ୍ର | ବିଭାଗ | ସଂଖ୍ୟା | ପ୍ରଶ୍ନର ପ୍ରକାରଭେଦ | ପ୍ରଶ୍ନ ସଂଖ୍ୟା |
|---|---|---|---|---|
| ୧ | ପଠନ ଓ ବୋଧ (ଅପଠିତ) | ୫×୪ = ୨୦ | ବହୁ ବିକଳ୍ପ ପ୍ରଶ୍ନ | ୪ |
| ୨ | ଲିଖନ | (୫+୫) + ୫+୫ = ୨୦ | ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ (୫+୫)<br>– ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ (୫)<br>– ବହୁବିକଳ୍ପ ପ୍ରଶ୍ନ (୫) | ୪ |
| ୩ | ବ୍ୟାକରଣ | ୪×୫ = ୨୦ | ବହୁବିକଳ୍ପ ପ୍ରଶ୍ନ | ୫ |
| ୪ | ସାହିତ୍ୟ (ପାଠ୍ୟ ପୁସ୍ତକ) | ୧୦+୫+୫ = ୨୦ | ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ (୦୫)<br>– ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ (୧୦)<br>– ବହୁବିକଳ୍ପ ପ୍ରଶ୍ନ (୫) | ୩ |

# Summative Assessment – II
## Sub: 013 Oriya
## Class-IX

**Session: 2009-10**

Full Mark: 80 Time: 3.00 hours

### *Marking Scheme & Contents*

## Section A

| | | | |
|---|---|---|---|
| 1. | **Grammar** | | |
| | a. | Sandhi ( Swara & Bisarga) | 04 |
| | b. | Samas (Tatpurusa, Dwanda, Dwigu, Bahubrihi) | 04 |
| | c. | Antonyms | 03 |
| | d. | Synomyms | 03 |
| | e. | Krudanta, Taddhita | 03 |
| | f. | Transformation of sentences | 03 |
| 2. | **Essay** | | 10 |
| 3.. | **Letter writing/Application** | | 05 |
| 4. | **Comprehension (unseen prose passage) [1x5]** | | 05 |

## Section B

| | | | |
|---|---|---|---|
| 5. | **Prose** | | |
| | a. | Long Question | 08 |
| | b. | Explanation | 05 |
| | c. | Short Questions [1x4] | 04 |
| 6. | **Poetry** | | |
| | a. | Long Question | 08 |
| | b. | Explanation | 05 |
| 7. | **Non-detailed** | | |
| | a. | Short answer type questions [5x2] | 10 |
| | **Total:** | | **80** |

Sample Question Paper.

# ODIA (Sub.Code : 013)

Class : IX    Time : 3 hours. Maximum marks :80

ସାଧାରଣ ସୂଚନା –

- ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ଅଛି ।
- (କ) ପଠନ - ୨୦ ନମ୍ବର
- (ଖ) ଲିଖନ - ୨୦ ନମ୍ବର
- (ଗ) ବ୍ୟାକରଣ- ୨୦ ନମ୍ବର
- (ଘ) ସାହିତ୍ୟ - ୨୦ ନମ୍ବର
- ସୂଚନା –
- ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନ ପତ୍ରରେ କିଛି ଲେଖ ନାହିଁ ।
- ପ୍ରତ୍ୟେକ ଉତ୍ତରର ନମ୍ବର ପ୍ରଶ୍ନାନୁଯାୟୀ ସଠିକ ଭାବରେ ଉତ୍ତର ଖାତାରେ ଲେଖ ।
- ଗୋଟିଏ ବିଭାଗର ଉତ୍ତର କରି ସାରିବା ପରେ ଅନ୍ୟ ବିଭାଗକୁ ଯାଅ ।
- ପ୍ରତ୍ୟେକ ପ୍ରଶ୍ନ ଏବଂ ଏହାର ସୂଚନାକୁ ଭଲଭାବରେ ପଢ ।
- ପ୍ରତ୍ୟେକ ପ୍ରଶ୍ନପାଇଁ ଉଦ୍ଦିଷ୍ଟ ଶବ୍ଦ ସଂଖ୍ୟାନୁଯାୟୀ ଉତ୍ତରଲେଖ । ଶବ୍ଦ ସଂଖ୍ୟା ଅଧିକ ହେଲେ ନମ୍ବର କଟାଯିବ ।

ପ୍ରଶ୍ନ-    ( ବିଭାଗ – କ) - ୨୦ ନମ୍ବର

ପ୍ରଶ୍ନ – ୧.ନିମ୍ନଲିଖିତ କବିତାଟି ପଢି ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଲେଖ ।

**କାଳିଜାଇ**

ବରଷା ବନ୍ୟାସି ଚିଲିକାରେ ଆଉ
ହୁଏନାହିଁ ତେତେ ଭଳି,
ଆପଦେ ବିପଦେ ଜଣାପଡଇଟଲୋ
ସାହା କିଏ ଥିଲା ପରି ॥

ନାଉରି କେଉଟ ପାହାଡ ବାଟେସେ
ନାଆ ନେଇ ଗଲା ବେଳେ
କାମେ ଆପଣାର ଶୁଭମନାସିଲୋ
ଜୁହାର କରଇ ଥରେ ॥

ତୋଳିଲେ ପାହାଡ ଶିଖେ କାଳେ ଲୋକେ
ସୁନ୍ଦର ମନ୍ଦିର ଟିଏ,

ସେ ଦେଉଳେ ଅବା ରହିବ ଯାଇଲୋ
ଚିଲିକା ମଝିରେ କିଏ ?
ସୂର୍ଯ୍ୟ ବୁଡିଗଲେ ନିଶବଦ ଯେବେ
ହୁଏ ସବୁ ସଂଜବେଳେ,
ଏକା ହୋଇଜାଇ,ଲୋକେ କହନ୍ତିଲୋ ,
ବୁଲୁ ଯେ ଥାଏ ପାହାଡେ ।

(ପଣ୍ଡିତ ଗୋଦାବରୀଶ ମିଶ୍ର )

୧.୧ ଦିଆଯାଇଥିବା କବିତାଟିର ସାରାଂଶ ପଢି ନିମ୍ନଲିଖିତ ବାକ୍ୟଗୁଡିକର ଶୂନ୍ୟ ସ୍ଥାନରେ ଛାଡି ଯାଇଥିବା ଶବ୍ଦଗୁଡିକ ପୂରଣ କର । (୮ X ୧ = ୮ ନମ୍ବର )

(କ)ଏବେ ଚିଲିକାରେ ସେଭଳି --- ଆଉ ହୁଏନାହିଁ ।
(ଖ) --- ବେଳେ କିଏ ସାହା ଥିଲା ପରି ମନେ ହୁଏ ।
(ଗ)ନାଉରି --- ବାଟେ ନାଆ ନେଇ ଯାଏ ।
(ଘ)ନାଉରି --- ର ଶୁଭ ମନାସି ଜୁହାର କରେ ।
(ଙ)ଲୋକମାନେ ---ରେ ମନ୍ଦିରଟିଏ ତୋଳାଇଲେ ।
(ଚ)ସେ ମନ୍ଦିରରେ – ଭିତରେ କିଏ ବା ଯାଇ ରହିବ ?
(ଛ)ସୂର୍ଯ୍ୟ ବୁଡିଗଲେ ଚାରିଆଡ – ହୋଇଯାଏ ।
(ଜ)ଜାଇ ଏକାହୋଇ ---ରେ ବୁଲୁଥାଏ ।

ପ୍ରଶ୍ନ -୨.ନିମ୍ନଲିଖିତ ଅନୁଚ୍ଛେଦଟି ପଢି ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଲେଖ ।
(୧୦ ନମ୍ବର)

- ସତ୍ୟବାଦୀ ସ୍କୁଲର ବିଶ୍ୱବିଦ୍ୟାଳୟ ମଞ୍ଜୁରି ମିଳିବାପରେ ଉତ୍ତମ ସୌଭାଗ୍ୟର ସମୟ ଆସି ପହଞ୍ଚିଲା ।ଗୋପବନ୍ଧୁବାବୁ ବିହାର-ଓଡିଶା ବ୍ୟବସ୍ଥା ପରିଷଦର ସଦସ୍ୟ ହେଲେ । ସେ କେବଳ ସଭାଗୃହ ମଣ୍ଡନ କଲାଭଳି ସଦସ୍ୟ ନଥିଲେ ।
- ଦେଶର ଦୁଃଖ ଦୁର୍ଗତି ସେ ଭଲଭାବେ ବୁଝି ଥିଲେ । କର୍ମଚାରୀମାନଙ୍କର ଦୋଷ ଦୁର୍ବଳତା ନିର୍ଭୀକଭାବରେ ଦେଖାଇଲେ । ସରକାରଙ୍କ ନୀତିର ତୀବ୍ର ସମାଲୋଚନା କଲେ ।
- ତାଫଳରେ ତାଙ୍କ ପ୍ରତିପତ୍ତି ବଢିବାକୁ ଲାଗିଲା । ତାଙ୍କ ପ୍ରତିପତ୍ତିର ଆଲୋକ ଆମମାନଙ୍କ ଉପରେ ଆସି ପ୍ରତିଫଳିତ ହେଲା । ସ୍କୁଲ ବଢିବାକୁ ଲାଗିଲା ।
- ନାନା ଆଡୁ ପରିଦର୍ଶକମାନେ ସତ୍ୟବାଦୀ ସ୍କୁଲ ଦେଖିବାକୁ ଆସିଲେ ।ସେ ମାନଙ୍କ ମଧ୍ୟରୁ ସାର ଏଡୱାଡ ଗେଟ୍ ଜଣେ ।ସେ ଗୋପବନ୍ଧୁବାବୁଙ୍କୁ ବିଶେଷ ଖାତିର କରୁଥିଲେ ।

୨.୧ ନିମ୍ନ ଲିଖିତ ବାକ୍ୟଗୁଡିକୁ ପୂରଣ କର – ( ୮ ନମ୍ବର)

(କ)ବିଶ୍ୱବିଦ୍ୟାଳୟ ମଞ୍ଜୁରି ମିଳିବାପରେ ସତ୍ୟବାଦୀ ସ୍କୁଲର ---ସମୟ ଆସି ପହଞ୍ଚିଲା ।
(ଖ)ଗୋପବନ୍ଧୁ ---ର ସଦସ୍ୟ ଥିଲେ ।

(ଗ)ସେ ଅନ୍ୟ ସଦସ୍ୟ ମାନଙ୍କଠାରୁ --- ଥିଲେ ।
(ଘ)ଗୋପବନ୍ଧୁ ଦେଶର – ବୁଝୁଥିଲେ ।
(ଙ)ଗୋପବନ୍ଧୁ କର୍ମଚାରୀ ମାନଙ୍କର --- ଦେଖାଇଲେ ।
(ଚ)ସରକାରଙ୍କ ନୀତିର ସମାଲୋଚନା --- ଙ୍କ ଦ୍ୱାରା କରାଗଲା ।
(ଛ)---ଫଳରେ ଗୋପବନ୍ଧୁଙ୍କର ପ୍ରତିପତ୍ତି ବଢ଼ିବାକୁ ଲାଗିଲା ।
(ଜ) – ଗୋପବନ୍ଧୁଙ୍କୁ ବିଶେଷ ଖାତିରି କରୁଥିଲେ ।

୨.୨- ତଳେ ଦିଆ ଯାଇଥିବା ଶବ୍ଦଗୁଡିକର ସମାର୍ଥ ବାଚକ ଶବ୍ଦ ଉପର ଅନୁଚ୍ଛେଦଟିରୁ ବାଛି ଲେଖ ।    ( ୪ ନମ୍ବର)

(କ)ଅନୁମତି ( ପାରା-୧ )
(ଖ)କଠୋର (ପାରା-୨ )
(ଗ)ସମ୍ମାନ(ପାରା-୩)
(ଘ)ପରିଦର୍ଶନ(ପାରା-୪)

## ଖ – ବିଭାଗ (ଲିଖନ);୨୦ ନମ୍ବର

ପ୍ରଶ୍ନ-୩. ୨୦୧୦ମସିହା ମାର୍ଚ୍ଚ ୨୦ ତାରିଖରେ ତୁମ ବିଦ୍ୟାଳୟରେ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।ଏଥିରେ ନବମ ଓ ଦଶମ ଶ୍ରେଣୀର ପିଲାମାନେ ଭାଗ ନେବେ । ଏହାର ସମୟ,ସ୍ଥାନ ଓ କାର୍ଯ୍ୟସୂଚୀ ଉଲ୍ଲେଖ କରି ୫୦ଟି ଶବ୍ଦ ଭିତରେ ଏକ ନୋଟିସ୍ ଲେଖ ।ନୋଟିସ୍‌ଟି ଗୋଟିଏ ବାକ୍ସଭିତରେ ରହିବା ଆବଶ୍ୟକ ।    ( ୫ନମ୍ବର)

ପ୍ରଶ୍ନ-୪. ସରିତାର ମାଆ ପ୍ରତିଭାଦେବୀ ଗୋଟିଏ ବ୍ୟାଙ୍କରେ କାମ କରନ୍ତି । ସରିତା ବାପାଙ୍କ ପାଖରେ ରହେ । ମାଆ ଝିଅକୁ କିଛି ବାର୍ତ୍ତା(କଥା) ଟେଲିଫୋନ୍‌ରେ କହି ବାପାଙ୍କୁ କହିଦେବାପାଇଁ କହିଛନ୍ତି ।ସରିତା ତରତର ହୋଇ ସ୍କୁଲ ଯାଉଛି । ପାଖରେ ବାପା ନାହାଁନ୍ତି । ସରିତା ଏହି ବାର୍ତ୍ତାକୁ କିପରି ଲେଖି ବାପାଙ୍କୁ ଜଣାଇବ, ନିମ୍ନଲିଖିତ କଥୋପକଥନରୁ ବୁଝି ପ୍ରସ୍ତୁତ କର ।

ସରିତା- ହାଲୋ ;
ପ୍ରତିଭା- ହାଲୋ ସରିତା; ତୁ ଏବେ କଣ କରୁଛୁ ?
ସରିତା- ମୁଁ ସ୍କୁଲ ଯିବାକୁ ପ୍ରସ୍ତୁତ ହେଉଛି ମାଆ ।
ପ୍ରତିଭା- ବାପା କାହାନ୍ତି ?
ସରିତା-ବାପା ବଜାର ଯାଇଛନ୍ତି ।
ପ୍ରତିଭା-ବାପାଙ୍କୁ କହିବୁ,ଆସନ୍ତା କାଲି ଆମ ଘରକୁ ବୀରେନ୍ଦ୍ର ମଉସା ଆସିବେ ଭାଇର ଆଡମିଶନ ବିଷୟରେ କଥା ହେବାପାଇଁ ।
ସରିତା- ହଁ ମାଆ, ବାପାଙ୍କୁ କହିଦେବି ।

ପ୍ରଶ୍ନ-୫.ତୁମେ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ସହ ଏକ ମଫସଲ ଗାଁକୁ ଯାଇଛ । ସେଠାରେ ସେମାନଙ୍କର କେତେକ ଅଭାବ ଅସୁବିଧା ତୁମେ ଶୁଣିବାକୁ ପାଇଲ । ପ୍ରତିକାର ପାଇଁ ସ୍ଥାନୀୟ କୌଣସି ସଂବାଦ ପତ୍ରର ସଂପାଦକଙ୍କ ପାଖକୁ ପତ୍ର ଲେଖ । ( ୫ ନମ୍ବର)

ସମସ୍ୟା –

-ପାନୀୟ ଜଳର ଅଭାବ ।

-ବାରମ୍ବାର ବିଦ୍ୟୁତ ବିଭ୍ରାଟ ।

-ଚାଷୀମାନଙ୍କୁ ସାହାଯ୍ୟ ।

-ବିଦ୍ୟାଳୟ ପ୍ରତିଷ୍ଠା ।

ପ୍ରଶ୍ନ-୬.ଏକ ସଂବାଦ ପତ୍ରରେ ପ୍ରକାଶ ପାଇଥିବା ଏହି ସଂବାଦଟି ପଢ଼ ।

ସରକାରୀ କୃଷିବିଭାଗର କର୍ମଚାରୀମାନେ ଖୋର୍ଦ୍ଧାଜିଲ୍ଲା ବାଣପୁର ଅଞ୍ଚଳ ଗସ୍ତକରି ଲୋକମାନଙ୍କର ବୈଜ୍ଞାନିକ ପଦ୍ଧତିରେ ଚାଷ କରିବାପାଇଁ ଆଗ୍ରହ ଲକ୍ଷ୍ୟ କରିଛନ୍ତି । ସେମାନଙ୍କୁ ସରକାରଙ୍କ ତରଫରୁ ବୈଷୟିକ ସହଯୋଗ ଯୋଗାଇ ଦିଆଗଲେ ସେମାନେ ଏ ଦିଗରେ ଅଗ୍ରସର ହୋଇପାରନ୍ତେ ।

ଏହି ସଂବାଦଟି ପଢି ଉନ୍ନତ କୃଷିପ୍ରଣାଳୀ ସଂପର୍କରେ ତୁମ ସ୍କୁଲ ମାଗାଜିନ୍‌ପାଇଁ ଗୋଟିଏ ଲେଖା ଲେଖ ।

-ଭାରତୀୟ କୃଷି ଓ କୃଷକ ।

-ଗ୍ରାମାଞ୍ଚଳର କୃଷକ ଓ କୃଷି ।

-ଆର୍ଥିକ ଅବସ୍ଥା ।

-ସରକାରୀ ସାହାଯ୍ୟ ।

## ଗ – ବିଭାଗ (ବ୍ୟାକରଣ)

ପ୍ରଶ୍ନ-୭.ବନ୍ଧନୀ ଭିତରୁ ଠିକ୍ ଉତ୍ତର ଗୁଡିକ ବାଛି ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡିକର ସନ୍ଧି ବିଚ୍ଛେଦ କର । ( ୪ ନମ୍ବର)

- ମହାକାଶ, ନରେନ୍ଦ୍ର,ତପୋବନ,ପୁନରପି ।
- (ଉତ୍ତର – ମହା + ଆକାଶ, ମହୀ+ଆକାଶ, ତପଃ+ବନ ,ତପୋ +ବନ, ପୁନଃ +ଅପି, ପୁନ+ରପି ,ନର+ଇନ୍ଦ୍ର । )

ପ୍ରଶ୍ନ-୮.ଏହି ବ୍ୟାସ ବାକ୍ୟ ଗୁଡିକ କେଉଁ ସମାସପାଇଁ ଉଦ୍ଦିଷ୍ଟ ବନ୍ଧନୀ ଭିତରୁ ଉତ୍ତର ବାଛି ଲେଖ । ( ୪ ନମ୍ବର)

- ବୃକ୍ଷରୁ ପତିତ = ବୃକ୍ଷପତିତ ( ସମାସ- ?)
- ଫୁଲ ଓ ଫଳ = ଫୁଲଫଳ ( ସମାସ- ?)
- ପଞ୍ଚ ବଟର ସମାହାର = ପଞ୍ଚବଟୀ ( ସମାସ- ?)

- ବୀଣାପାଣିରେ ଯାହାର ସେ = ବୀଣାପାଣି ( ସମାସ- ?)

(ଉତ୍ତର- ଅବ୍ୟୟୀଭାବ,ଦ୍ୱିଗୁ, ଦ୍ୱନ୍ଦ୍ୱ,କର୍ମଧାରୟ,ବହୁବ୍ରୀହି,ତତ୍ ପୁରୁଷ )

ପ୍ରଶ୍ନ- ୯.ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ଗୁଡିକ ବାଛି ଦିଆଯାଇଥିବା ଶବ୍ଦଗୁଡିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । ( ୪ ନମ୍ବର)

- ଅସୀମ,ଆବାହନ, ପରକାଳ,ଅନୁରକ୍ତ
- (ଉତ୍ତର- ବିଷମ,ବିସର୍ଜନ,ବିନାରକ୍ତ,ସସୀମ,ବିରକ୍ତ,ଇହକାଳ,ପରୀକାଳ )
- ପ୍ରଶ୍ନ- ୧୦. ବନ୍ଧନୀ ଭିତରୁ ସମୋଚ୍ଚାରିତ ଶବ୍ଦଗୁଡିକର ଅର୍ଥବାଛି ଲେଖ । ( ୪ ନମ୍ବର)
- ତରଣି- ଦିନ- ପ୍ରସାଦ- ପୁତ-
- ତରଣୀ- ଦୀନ- ପ୍ରାସାଦ- ପୂତ-
- (ଉତ୍ତର- ଭୋଗ,କୋଠା,ପୁଅ,ଗରିବ,ଦିବସ,ସୂର୍ଯ୍ୟ,ନୌକା,ପବିତ୍ର)
- ପ୍ରଶ୍ନ-୧୧.ବନ୍ଧନୀ ଭିତରୁ ଉତ୍ତର ବାଛି ଦିଆଯାଇଥିବା ପଦଗୁଡିକର ଗଠନ ରୀତି ଦର୍ଶାଅ ।
- ଗମନ,ଖେଳାଳି,ପ୍ରାଦେଶିକ,ବାଲ୍ୟ ( ୪ ନମ୍ବର)
- ( ଉତ୍ତର- ଗମ୍+ନ, ଗମ୍ + ଅନ,ଖେଳା+ଳି, ଖେଳ୍ +ଆଳି,ପ୍ରାଦେଶୀ+କ,ପ୍ରଦେଶ + ଇକ ,ବା+ଲ୍ୟ,ବାଲ+ ୟ)

## ଘ – ବିଭାଗ ( ସାହିତ୍ୟ )(୨୦ ନମ୍ବର)

ପ୍ରଶ୍ନ- ୧୨.ନିମ୍ନଲିଖିତ ପଙ୍କ୍ତି ଗୁଡିକ ପଢି ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ସଂକ୍ଷେପରେ ଲେଖ । (୫ ନମ୍ବର)

ଦେଖିଛି ସଦ୍ୟ ସନ୍ତାନହରା ନୟନୁ ଶୁଷ୍କ ନୀର ,
ଚିତ୍ରପ୍ରତିମା ସମାନ ଅଚଳ,ସ୍ତନୁ ବହିଯାଏ କ୍ଷୀର ।
++++++++++++++++++++++++++++
ନିଭି ନଥିଲା ତା ଶିର-ସିନ୍ଦୁର ନୟନୁ କଜଳ ଗାର,
ଗଗନ ଭୁଧର ଭାଜି ପଡୁଥିଲା ଶୁଣି ତାର ହାହାକାର ।

ପ୍ରଶ୍ନ-(କ)ଏହି ପଙ୍କ୍ତିଗୁଡିକ କେଉଁ କବିତାରୁ ଉଦ୍ଧୃତ ?

(ଖ)ଏହି କବିତାର କବିଙ୍କ ନାମ ଲେଖ ।

(ଗ)କବି ଏଠାରେ କେଉଁ ପ୍ରସଙ୍ଗରେ ଏହା କହିଛନ୍ତି ? ଯଥାର୍ଥତା ପ୍ରତିପାଦନ କର ।

ପ୍ରଶ୍ନ-୧୩.ନିମ୍ନଲିଖିତ ଅନୁଚ୍ଛେଦଟି ପଢି ପ୍ରଦତ୍ତ ପ୍ରଶ୍ନଗୁଡିକର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ । ( ୧୦ ନମ୍ବର)

- ଲକ୍ଷେ ବର୍ଷଧରି ମଣିଷ ପୃଥିବୀରେ ବଞ୍ଚିଛି ।ଗତ ପାଞ୍ଚଶହ ବର୍ଷଧରି ଧରଣୀମାତା ଉପରେ ହୁମ୍‌ଦୁମ୍ ହୋଇଛି ।

- ଅନ୍ୟ କେହି ଏ ସଂସାରରେ ମଣିଷର କାର୍ଯ୍ୟକଳାପ ସବୁକୁ କଣ୍ଢେଇ ନାଚ ସାଙ୍ଗରେ ମଧ୍ୟ ତୁଳନା କରନ୍ତି ।...ରାଜା ସିଂହାସନରେ ବସେ,ଖଣ୍ଡାଧରି ଯୁଦ୍ଧକରେ,ଆଉ ମଝିରେ ମଝିରେ ହସେ ।
- ଅନେକଙ୍କର ଧାରଣା ଯେ ,ଏହି ପୃଥିବୀ ଏକ ବିରାଟ ସଂଗ୍ରାମ ଭୂମି ।ଏହାର ବକ୍ଷ ଉପରେ ଅହରହ ଜୀବନ-ଯୁଦ୍ଧ ଚାଲିଛି ।
- ଆମ ଭାରତରେ ବୈଦିକ ଯୁଗରୁ ଆରମ୍ଭ କରି ବିଶ୍ୱଭ୍ରାତୃତ୍ୱ ପ୍ରଚାରିତ ହୋଇ ଆସୁଛି ।

ପ୍ରଶ୍ନ- (କ)ପୃଥିବୀ ସହିତ ମଣିଷର ସଂପର୍କ କେତେ ବର୍ଷ ଧରି ହୋଇଆସିଛି ?

(ଖ)ଧରଣୀ ମାତା କେତେ ବର୍ଷ ହେଲା ମଣିଷର ଦାଉ ସହି ଆସୁଛି ?

(ଗ)ମଣିଷ ଓ କଣ୍ଢେଇନାଚ ମଧ୍ୟରେ କି ସଂପର୍କ ଦର୍ଶାଇ ଦିଆ ଯାଇଛି ?

(ଘ)ରାଜାଙ୍କର କାର୍ଯ୍ୟକଳାପ ବର୍ଣ୍ଣନା କର ।

(ଙ)ପୃଥିବୀକୁ ସଂଗ୍ରାମ ଭୂମି କୁହାଯାଇଛି କାହିଁକି ?

ପ୍ରଶ୍ନ-୧୪.ନିମ୍ନଲିଖିତ ସୂଚନା ପଢି ପଚରା ଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ସଂକ୍ଷେପରେ ଲେଖ । (୫ ନମ୍ବର)

ଦିନେ ପୋଷ୍ଟମାଷ୍ଟର ବାବୁ ସର୍ଭିସ ବୁକ୍ ଦେଖି କହିଲେ-ତୁମର ପଞ୍ଚାବନ ବର୍ଷ ବୟସ ହୋଇଗଲା, ..... ସିଂହଙ୍କ ମୁଣ୍ଡରେ ବଜ୍ର ପଡିଲା ।

ପ୍ରଶ୍ନ- ପୋଷ୍ଟମାଷ୍ଟର ବାବୁ ଏକଥା କାହାକୁ କହିଲେ ? କାହିଁକି କହିଲେ ? ସିଂହ କିଏ ? ତାଙ୍କ ମୁଣ୍ଡରେ ବଜ୍ର ପଡିଲା କାହିଁକି ? (କିମ୍ବା)

-ପିଲାଲୋକ ,ନିଦେଇ ଯାଇଛି ।

ପ୍ରଶ୍ନ- ଏ କଥା କିଏ କାହାକୁ କହିଛି ? ପିଲା ଲୋକ ବୋଲି କାହାକୁ କୁହାଯାଇଛି ? ସେ ନିଦେଇ ଯାଇଥିଲା କାହିଁକି ?

-----------------

----------